# କୃଷି ସୂଚନା ସେବା (ଧାନ)

# ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୮ ମସିହା ଜାନୁୟାରୀ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

❖ ଖରାଦିନିଆ ରୁଆ ଧାନ ଭାବରେ ବିଭିନ୍ନ କିସମ ଯଥା ନବୀନ, ଶତାବ୍ଦୀ, ଚନ୍ଦନ, ସି.ଆର.ଧାନ-୬୦୧, ଲଲାଟ, MTU-୧୦୧୦, MTU-୧୦୦୧, ଲୁଣା ସଂଖୀ (ଉପକୂଳବର୍ତ୍ତୀ ଲୁଣା ଜମିପାଇଁ) ଏବଂ ଶଙ୍କର କିସମ ଯଥା ଅଜୟ ଏବଂ ରାଜଲକ୍ଷ୍ମୀ କିସମ ବ୍ୟବହାର କରନ୍ତୁ । କାଦୁଅ ଜମିରେ ଛଟା ବୁଣାପାଇଁ ଖରାଦିନିଆ ଧାନ ଭାବରେ ନବୀନ, ଶତାବ୍ଦୀ, ଖଣ୍ଡଗିରୀ, MTU-୧୦୧୦ କିସମ ସବୁ ବ୍ୟବହାର କରନ୍ତୁ ।

❖ ଅଧିକ ଅମଳକ୍ଷମ ଧାନ ପାଇଁ ଏକ ଏକର ଜମିରେ ୧୪-୧୬ କି.ଗ୍ରା ଏବଂ ଶଙ୍କର କିସମ ପାଇଁ ୫ ରୁ ୬ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।

❖ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନକୁ ୨ ଗ୍ରାମ କାର୍ବେନ୍‌ଡାଜିମ୍ ୫୦ W.P (ବାଭିଷ୍ଟିନ୍) କୁ ୧ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ । ଧାନ ବିହନକୁ ୧୦ ଘଣ୍ଟା ପର୍ଯ୍ୟନ୍ତ ଏହି ପାଣିରେ ବୁଡାଇ ଛାଣି ଦିଅନ୍ତୁ । ଏହି ଉପଚାର ଧାନ ତଳିକୁ ୪୦ ଦିନ ପର୍ଯ୍ୟନ୍ତ କବକ ଜିନତ ରୋଗ ଦାଉରୁ ରକ୍ଷା କରିଥାଏ । ପାଣିରୁ ଛାଣି ଧାନକୁ ଅଖାରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଅନ୍ଧାର ସ୍ଥାନରେ ଭଲଭାବରେ ଘୋଡାଇ ରଖିଲେ ତାହା ଶୀଘ୍ର ଗଜା ହୋଇଥାଏ ।

❖ ଗଜା ହୋଇଥିବା ଧାନକୁ ସମତଳ ତଳିଘରାରେ ଯଥା ଶୀଘ୍ର ବୁଣିଦେବା ଆବଶ୍ୟକ । ଏକ ଏକର ଜମିରେ ଧାନ ଚାଷ କରିବାକୁ ଥିଲେ ୩୨୦ ବର୍ଗମିଟର ସ୍ଥାନରେ ତଳିଘରା ଆବଶ୍ୟକ ହୋଇଥାଏ । ତଳିଘରାରେ ୩୨୦ ବର୍ଗମିଟର ସ୍ଥାନ ପାଇଁ ୧୦ କି.ଗ୍ରା. ଯବକ୍ଷାରଜାନ, ୧୦ କି.ଗ୍ରା. ଫସଫରସ୍ ଏବଂ ୧୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଶଙ୍କର କିସମ ପାଇଁ ୨୪୦ ବର୍ଗମିଟର ତଳିଘରା ଆବଶ୍ୟକ ପଡିଥାଏ । ସେଥିପାଇଁ ପ୍ରତି ବର୍ଗମିଟର ତଳିଘରାରେ ୨୦ ରୁ ୨୫ ଗ୍ରାମ୍ ଗଜା ହୋଇଥିବା ଧାନ ହିସାବରେ ବୁଣି ତଳିଘରା ପ୍ରସ୍ତୁତ କରନ୍ତୁ । ତଳିଘରାରେ ୨-୩ ଦିନ ପରେ ହାଲୁକା ଭାବେ ପ୍ରଥମ ପାଣି ମଡାଇ ଦିଅନ୍ତୁ ଓ ପରବର୍ତ୍ତୀ ସମୟରେ ଆବଶ୍ୟକ ଅନୁସାରେ ପାଣି ମଡାନ୍ତୁ ।

❖ ବର୍ଷାଦିନିଆ ଧାନ କଟା ପରେ ଖରାଦିନିଆ ଛଟାବୁଣା ଧାନ କିମ୍ବା ରୁଆ ଧାନ ପାଇଁ ମୂଖ୍ୟ ଜମିରେ ହାଲୁକା ଚାଷ କରି ପାଣି ମଡାଇ କାଦୁଅ କରିବା ଉଚିତ୍ । ୭ ରୁ ୧୦ ଦିନ ପରେ ଦ୍ୱିତୀୟ କାଦୁଅ ଭଲଭାବରେ କରି ଜମିକୁ ସମତୁଲ କରିଦିଅନ୍ତୁ । ଏହା ଫଳରେ ସମାନ ଭାବରେ ଗଛ ରୁଆଯାଇପାରିବ କିମ୍ବା ଗଜା ଧାନ ବୁଣାଯାଇପାରିବ ।

❖ ପ୍ରତି ଏକର ପିଛା ୪୦:୨୦:୨୦ କି.ଗ୍ରା. ଯବକ୍ଷାରଜାନ:ଫସଫରସ୍:ପଟାସ୍ ସାର ବ୍ୟବହାର କରନ୍ତୁ । ସେହି ସାରର ଏକଚତୁର୍ଥାଂଶ ଭାଗ ଯବକ୍ଷାରଜାନ, ସମସ୍ତ ଫସ୍‌ଫରସ୍ ଏବଂ ଦୁଇ ତୃତୀୟାଂଶ ପଟାସ୍ ମୂଳସାର ଭାବେ ବ୍ୟବହାର କରିବା ଉଚିତ୍ । ଶଙ୍କର କିସମ ଧାନରେ ଏକର

ପିଛା ୪୮:୨୪:୨୪ କି.ଗ୍ରା. ଯବକ୍ଷାରଜାନ:ଫସଫରସ୍:ପଟାସ୍ ସାର ବ୍ୟବହାର କରନ୍ତୁ । ସେହି ସାରର ଏକ ଚତୁର୍ଥାଂଶ ଯବକ୍ଷାରଜାନ, ସମସ୍ତ ଫସ୍ ଫରସ୍ ଏବଂ ତିନି ଚତୁର୍ଥାଂଶ ପଟାସ୍ ମୂଳସାର ଭାବେ ବ୍ୟବହାର କରିବା ଉଚିତ୍ ।

- ଧାଡି ରୁଆ ଧାନରେ ୨୫ ରୁ ୩୦ ଦିନିଆ ତଳିକୁ ବୁଦା ପ୍ରତି ୨ ରୁ ୩ ଟି ହିସାବରେ ୧୫ x ୧୫ ସେ.ମି. ବ୍ୟବଧାନରେ ରୋଇବା ଉଚିତ୍ ଏବଂ ଶଙ୍କର କିସମ ଧାନରେ ସମାନ ବ୍ୟବଧାନ ରଖି ବୁଦାପ୍ରତି ୧ ରୁ ୨ ଟି ତଳି ରୋଇବା ଉଚିତ୍ ।

- ରୁଆ ଧାନ ଜମିରେ ମିଶ୍ରିତ ବାଲୁଙ୍ଗା ଥିଲେ ଦମନ ପାଇଁ ବେନ୍‌ସଲଫ୍ୟୁରୋନ୍ ମିଥାଇଲ୍ ୦.୬% ସହିତ ପ୍ରେଟିଲାକ୍ଲୋର ୬% GR (Londax Power) ପ୍ରତି ଏକର ପିଛା ୪ କି.ଗ୍ରା. ହିସାବରେ ରୋଇବାର ୫-୮ ଦିନ ପରେ ପ୍ରୟୋଗ କରନ୍ତୁ । ଏହା ଦାନାଦାର ହୋଇଥିବାରୁ ଏହାକୁ ୧୨ କି.ଗ୍ରା. ବାଲି ସହିତ ମିଶାଇ ବିଲରେ ସମାନ କରି ପ୍ରୟୋଗ କରନ୍ତୁ ।

- କାଦୁଅ ବିଲରେ ଯେଉଁଠାରେ ଧାନ ଛଟା ବୁଣା ହୋଇଥାଏ ସେଠାରେ ମିଶ୍ରିତ ବାଲୁଙ୍ଗା ଥିଲେ ପ୍ରତି ଏକର ପିଛା ଫେନୋକ୍ସାପ୍ରୋ-ପି-ଇଥାଇଲ୍ ୯EC (Whip Super) ୨୫୦ ମି.ଲି. ସହିତ ଇଥୋକ୍ସିସଲଫ୍ୟୁରୋନ୍ ୧୫ WDG (Sunrice) ୪୦ ଗ୍ରାମ୍ କୁ ୧୪୦ ଲିଟର ପାଣିରେ ସ୍ପ୍ରେ ଟ୍ୟାଙ୍କ୍‌ରେ ମିଶାଇ ଧାନ ବୁଣିବାର ୧୫ ଦିନ ପରେ ଅଥବା ବାଲୁଙ୍ଗା ଗଛରେ ୩-୪ ପତ୍ର ହୋଇଥିବା ସମୟରେ ନାପସାକ୍ ସ୍ପ୍ରେୟର ସାହାଯ୍ୟରେ ସିଞ୍ଚନ କରନ୍ତୁ ।

- ପାଣିପାଗ ବର୍ଷା ସୂଚନା ଆଧାରରେ ଜାନୁୟାରୀ ମାସର ପ୍ରଥମ ପକ୍ଷରେ ଡାଲିଜାତୀୟ ଶସ୍ୟରେ କବକ ଜନିତ ରୋଗ ହେବାର ସମ୍ଭାବନା ଅଧିକ ଅଛି । ତେଣୁ ଚାଷୀ ଭାଇମାନେ ସତର୍କ ରହିବା ଆବଶ୍ୟକ ।

******